# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**12 June - 2024**

**News Editor : Tapan Kumar Maharana**

*************************************

## ମୁଖ୍ୟ ସମ୍ବାଦ

- ବିଜେପି ପ୍ରଥମଥର ପାଇଁ ରାଜ୍ୟରେ ଗଠନ କରିବାକୁ ଯାଉଛି ସରକାର

– ମୋହନ ଚରଣ ମାଝୀ ପଞ୍ଚଦଶ ମୁଖ୍ୟମନ୍ତ୍ରୀ ଭାବେ ନେବେ ଶପଥ

– ସମାରୋହରେ ଯୋଗଦେବା ପାଇଁ ଭୁବନେଶ୍ୱରରେ ପହଁଞ୍ଚିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

- ନୂଆ ସରକାରଙ୍କ ପ୍ରଥମ କ୍ୟାବିନେଟ୍ ବୈଠକ ଆଜି ସନ୍ଧ୍ୟାରେ

- ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ ଆସନ୍ତା ୨୪ ତାରିଖରୁ ହେବ ଆରମ୍ଭ

ଏବଂ

- ରାଜ୍ୟରେ ଗ୍ରୀଷ୍ମଲହରି ଜାରି; ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଓଡ଼ିଶା ଓ ଉପକୂଳବର୍ତ୍ତୀ ଅଞ୍ଚଳର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା

## ନୂଆ ମୁଖ୍ୟମନ୍ତ୍ରୀ-ମୋହନ ମାଝୀ

ବିଜେପି ବିଧାୟକ ଦଳ ନେତାଭାବେ ମୋହନ ଚରଣ ମାଝୀ ମନୋନୀତ ହେବାପରେ ଆଜି ଅପରାହ୍ଣରେ ରାଜ୍ୟର ୧୫ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ । ଭୁବନେଶ୍ୱର ଜନତା ମଇଦାନରେ ଶପଥଗ୍ରହଣ ସମାରୋହ ଅନୁଷ୍ଠିତ ହେବ । ତାଙ୍କ ସହ ୨ଜଣ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତି ପରିଡ଼ା ଏବଂ ମନ୍ତ୍ରିମଣ୍ଡଳର ସଦସ୍ୟମାନେ ଶପଥ ନେବାର କାର୍ଯ୍ୟସୂଚୀ ରହିଛି । ରାଜ୍ୟପାଳ ରଘୁବର ଦାସ ସେମାନଙ୍କୁ ଶପଥପାଠ କରାଇବେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଓଡ଼ିଶାର ପ୍ରଥମ ଭାଜପା ସରକାରଙ୍କ ଶପଥ ଗ୍ରହଣ ସମାରୋହରେ ଯୋଗଦେବେ। ସେହିପରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରେଳ ତଥା ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ, ତ୍ରିପୁରା ମୁଖ୍ୟମନ୍ତ୍ରୀ ମଣିକ ଶାହା, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଓ ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ କୁମାର ସାୱନ୍ତ

ଭୁବନେଶ୍ୱରରେ ଆସି ପହଁଞ୍ଚିଛନ୍ତି। ଶପଥଗ୍ରହଣ ସମାରୋହ ପାଇଁ ଭୁବନେଶ୍ୱରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି ।

ଶ୍ରୀ ମାଝି ଗତକାଲି ବିଜେପି ବିଧାୟକ ଦଳର ନେତା  ହେବା ପରେ ରାଜ୍ୟପାଳଙ୍କୁ ଭେଟି ସରକାର ଗଠନ ପାଇଁ ଅନୁରୋଧ କରିଥିଲେ । ସମର୍ଥନପତ୍ର ପ୍ରାପ୍ତ ହେବାପରେ ରାଜ୍ୟପାଳ ସରକାର ଗଠନ ପାଇଁ ତାଙ୍କୁ ଆମନ୍ତ୍ରଣ କରିଥିଲେ।

***Desk***

## ମୋହନ ଚରଣ ମାଝୀ କ୍ୟାରିୟର

ମୋହନ ଚରଣ ମାଝୀ କେନ୍ଦୁଝର ସଦର ଆସନରୁ ଚତୁର୍ଥ ଥର ପାଇଁ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ୨୦୦୦, ୨୦୦୪, ୨୦୧୯ ଏବଂ ୨୦୨୪ରେ ସେ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି । ବିଧାୟକ ଦଳର ନେତା ଭାବେ ମନୋନୀତ ହେବା ପରେ ଶ୍ରୀ ମାଝୀ କହିଛନ୍ତି ଲୋକଙ୍କର ଆଶା ଓ ଆକାଂକ୍ଷାକୁ ପୂରଣ କରିବା ଉପରେ ତାଙ୍କ ସରକାର ପ୍ରାଥମିକତା ଦେବ । ଉପମୁଖ୍ୟମନ୍ତ୍ରୀ ଭାବେ ମନୋନୀତ ହୋଇଥିବା କନକବର୍ଦ୍ଧନ ସିଂହଦେଓ ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବିଧାନସଭା ଆସନରୁ ଷଷ୍ଠଥର ପାଇଁ ନିର୍ବାଚିତ ହୋଇଛନ୍ତି । ସେହିଭଳି ଅନ୍ୟତମ ଉପମୁଖ୍ୟମନ୍ତ୍ରୀ ଭାବେ ମନୋନୀତ ହୋଇଥିବା ପ୍ରଭାତୀ ପରିଡ଼ା ନିମାପଡ଼ା ବିଧାନସଭା ଆସନରୁ ପ୍ରଥମଥର ପାଇଁ ନିର୍ବାଚିତ ହୋଇଛନ୍ତି ।

***Desk***
***Desk***

## ନବୀନଙ୍କୁ ଭେଟିଲେ ଭାବି ମୁଖ୍ୟମନ୍ତ୍ରୀ

ଓଡ଼ିଶାର ୧୫ତମ ମୁଖ୍ୟମନ୍ତ୍ରୀ ଭାବେ ମୋହନ ଚରଣ ମାଝୀ ଆଜି ଅପରାହ୍ନରେ ଶପଥ ନେବାର କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ଶ୍ରୀ ମାଝୀ ସେ ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ନବୀନ ନିବାସ ଯାଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ଏଥିସହିତ ତାଙ୍କୁ ଜନତା ମଇଦାନଠାରେ ହେବାକୁ ଥିବା ଶପଥ ଗ୍ରହଣ ସମାରୋହରେ ଯୋଗଦେବା ଲାଗି ସେ ନିମନ୍ତ୍ରଣ କରିଛନ୍ତି।

ଗଣମାଧ୍ୟମକୁ ନିଜ ପ୍ରତିକ୍ରିୟା ଦେଇ ଶ୍ରୀ ମାଝୀ କହିଛନ୍ତି, ଏହି ସମାରୋହରେ ଶ୍ରୀ ପଟ୍ଟନାୟକ ଯୋଗଦେବେ ବୋଲି ସମ୍ମତି ପ୍ରଦାନ କରିଛନ୍ତି...

**- V/O –**

***Desk***

## ଟ୍ରାଫିକ୍ କଟକଣା

ଓଡ଼ିଶାର ନୂଆ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବ ପାଇଁ କମିଶନରେଟ୍ ପୁଲିସ ପକ୍ଷରୁ ଟ୍ରାଫିକ କଟକଣା ଲାଗୁ କରାଯାଇଛି। ଆଜି ଅପରାହ୍ନ ୨ଟାରୁ ସନ୍ଧ୍ୟା ୭ଟା ଯାଏଁ ଅର୍ଥାତ୍ ଶପଥ ଗ୍ରହଣ ସମାରୋହ ଶେଷ ହେବା ପର୍ଯ୍ୟନ୍ତ ଭୁବନେଶ୍ୱରର ଜୟଦେବ ବିହାର ଛକଠାରୁ ନାଲ୍କୋ ଛକ ଓ ଏହାକୁ ସଂଯୋଗ କରୁଥିବା ସମସ୍ତ ଗଳି ରାସ୍ତା ଦେଇ

ଯାନବାହନ ଯାତାୟାତ ଉପରେ କଟକଣା ଲଗାଯାଇଛି । ସମାରୋହରେ ଯୋଗଦେବାକୁ ଯାଉଥିବା ନେତା, କର୍ମୀ ଓ ସାଧାରଣ ଲୋକଙ୍କ ଗାଡ଼ି ପାଇଁ ରୁଟ୍ ଚାଟ୍ କରାଯାଇଛି ।

***Puri***

## କେନ୍ଦ୍ରମନ୍ତ୍ରୀଙ୍କ ମହାପ୍ରଭୁ ଦର୍ଶନ

କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ, ଅଶ୍ୱିନୀ ବୈଷ୍ଣବ ଓ ପୁରୀ ସାଂସଦ ସମ୍ବିତ ପାତ୍ର ଆଜି ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିଛନ୍ତି । ସାରା ବିଶ୍ୱର କଲ୍ୟାଣ ପାଇଁ ସେମାନେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି । ସକାଳେ କେନ୍ଦ୍ରମନ୍ତ୍ରୀ ପୁରୀରେ ପହଁଞ୍ଚିବାପରେ ଶ୍ରୀମନ୍ଦିର ନିକଟରେ ସେମାନଙ୍କୁ ବିଜେପି ନେତା ଓ କର୍ମୀ ମାନେ ସ୍ୱାଗତ କରିଥିଲେ ।

***HS***

## କ୍ୟାବିନେଟ୍ ବୈଠକ

ନୂଆ ମୁଖ୍ୟମନ୍ତ୍ରୀ ଶପଥ ଗ୍ରହଣ କରିବା ପରେ ଆଜି ସନ୍ଧ୍ୟାରେ ନୂଆ ସରକାରଙ୍କ ପ୍ରଥମ କ୍ୟାବିନେଟ ବୈଠକ ବସିବ ବୋଲି ଜଣାପଡ଼ିଛି । ନୂଆ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ପ୍ରଥମ କ୍ୟାବିନେଟ୍ ବୈଠକରେ କିଛି କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବ ବୋଲି ସୂଚନା ମିଳିଛି ।

*Desk*

## ଅଷ୍ଟାଦଶ ଲୋକସଭା

ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ ଆସନ୍ତା ୨୪ ତାରିଖରୁ ଆରମ୍ଭ ହୋଇ ଜୁଲାଇ ୩ ତାରିଖ ପର୍ଯ୍ୟନ୍ତ ଚାଲିବ। କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଆଜି ଏହି ସୂଚନା ଦେଇଛନ୍ତି। ଏହି ୯ ଦିନିଆ ସ୍ୱତନ୍ତ୍ର ଅଧିବେଶନରେ ଲୋକସଭା ବାଚସ୍ପତି ଲାଗି ନିର୍ବାଚନ ହେବ ଓ ନୂତନ ସଦସ୍ୟମାନେ ଶପଥ ଗ୍ରହଣ କରିବେ। ସେହିପରି ରାଜ୍ୟସଭାର ୨୬୪ ତମ ଅଧିବେଶନ ଆସନ୍ତା ୨୭ରୁ ଆରମ୍ଭ ହୋଇ ଜୁଲାଇ ୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଜୁନ୍ ୨୭ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଭୟ ସଦନର ମିଳିତ ଅଧିବେଶନକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଶ୍ରୀ ରିଜିଜୁ ସାମାଜିକ ଗଣମାଧ୍ୟମ 'ଏକ୍ସ' ମାଧ୍ୟମରେ କହିଛନ୍ତି।

*Desk*

## ରାଜ୍ୟ ସରକାରୀ ଛୁଟି ବାତିଲ

ରାଜ୍ୟ ସରକାରୀ ଅଧିକାରୀମାନଙ୍କୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଛୁଟି ନ ନେବାକୁ ପରାମର୍ଶ ଦିଆଯାଇଛି । ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଭିନ୍ନ ବିଭାଗର ସଚିବ ଓ ଜିଲ୍ଲାପାଳମାନଙ୍କୁ ପତ୍ରଲେଖି ସୂଚନା

ଦିଆଯାଇଛି । ପତ୍ରରେ ଉଲ୍ଲେଖ କରାଯାଇଛି, ନୂଆ ସରକାର ଗଠନ ହେଉଥିବାରୁ ବିଭିନ୍ନ ସ୍ତରରେ କାର୍ଯ୍ୟକ୍ରମ ଚାଲିବ । ଏହାକୁ ଦୃଷ୍ଟିରେ ରଖି ଛୁଟି ନ ନେବାକୁ ନିର୍ଦ୍ଦେଶାନାମା ଜାରି କରାଯାଇଛି । ଏଥିସହ ଅଧିକାରୀମାନଙ୍କୁ ମୁଖ୍ୟାଳୟ ନ ଛାଡିବାକୁ ମଧ୍ୟ କୁହାଯାଇଛି । କେବଳ ସ୍ୱାସ୍ଥ୍ୟ ସମସ୍ୟା ଥିଲେ କର୍ମଚାରୀଙ୍କୁ ଛୁଟି ମିଳିପାରିବ ବୋଲି ନିର୍ଦ୍ଦେଶନାମାରେ ଦର୍ଶାଯାଇଛି ।

***Desk***

## ନାମଲେଖା-ୟୁଜିସି ଅନୁମତି ପ୍ରଦାନ

ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକ ଏଣିକି ବର୍ଷକୁ ଦୁଇଥର ନାମଲେଖା କରିପାରିବେ । ଏ ନେଇ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ-ୟୁ.ଜି.ସି. ଅନୁମତି ଦେଇଛି । ୨୦୨୪-୨୫ ଶିକ୍ଷାବର୍ଷରୁ ଏହା ଲାଗୁ ହେବ । ୟୁଜିସି ମୁଖ୍ୟ ଜଗଦେଶ କୁମାର କହିଛନ୍ତି, ବିଦେଶରେ ଥିବା ବିଶ୍ୱବିଦ୍ୟାଳୟଗୁଡ଼ିକ ଭଳି ଭାରତୀୟ ଉଚ୍ଚ ଶିକ୍ଷାନୁଷ୍ଠାନରେ ଦୁଇଥର ନାମଲେଖା ହେଲେ ବହୁ ଛାତ୍ରଛାତ୍ରୀ ଉପକୃତ ହୋଇପାରିବେ । ଜୁଲାଇ-ଅଗଷ୍ଟ, ଜାନୁଅରୀ-ଫେବୃଆରୀରେ ନାମଲେଖା ପ୍ରକ୍ରିୟା କରାଯାଇପାରିବ । ଫଳରେ ନାମଲେଖାରୁ ବଞ୍ଚିତ ହେଉଥିବା ଛାତ୍ରଛାତ୍ରୀଙ୍କୁ ଆଉ ଏକ ବର୍ଷ ଅପେକ୍ଷା କରିବାକୁ ପଡ଼ିବ ନାହିଁ । ବୋର୍ଡ ଫଳାଫଳ ପ୍ରକାଶ ହୋଇ ନ ଥିବା, ସ୍ୱାସ୍ଥ୍ୟସମସ୍ୟା କିମ୍ବା କୌଣସି ବ୍ୟକ୍ତିଗତ

କାରଣରୁ  ଯେଉଁ ଛାତ୍ରଛାତ୍ରୀ ପ୍ରଥମ ପର୍ଯ୍ୟାୟରେ ନାମଲେଖାଇ ପାରି ନ ଥିବେ ସେମାନେ ଦ୍ୱିତୀୟ ପର୍ଯ୍ୟାୟରେ ନାମ ଲେଖାଇ ପାରିବାର ସୁବିଧା ପାଇବେ ବୋଲି ୟୁ.ଜି.ସି. ପକ୍ଷରୁ କୁହାଯାଇଛି ।

***Desk***

# ଆର୍ମି ଚିଫ୍

ଲେଫ୍ଟନାଣ୍ଟ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ ଭାରତୀୟ ସ୍ଥଳସେନାର ପରବର୍ତ୍ତୀ ମୁଖ୍ୟ ଭାବେ ଦାୟିତ୍ୱ ନେବେ । ଆସନ୍ତା ୩୦ ତାରିଖ ଦିନ ଜେନେରାଲ୍ ମନୋଜ ପାଣ୍ଡେ ଅବସର ଗ୍ରହଣ କରିବେ। ସେହିଦିନ ଶ୍ରୀ ଦ୍ୱିବେଦୀ ଜେନେରାଲ୍ ପାଣ୍ଡେଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ୧୯୬୪ ମସିହା ଜୁଲାଇ ୧ ତାରିଖରେ ଜନ୍ମ ଗ୍ରହଣ କରିଥିବା ଶ୍ରୀ ଦ୍ୱିବେଦୀ ଭାରତୀୟ ସେନାର ଜାମ୍ମୁ-କାଶ୍ମୀର ରାଇଫଲ୍‌ସରେ କମିଶନ୍ ର୍ୟାଙ୍କ୍‌ରେ ୧୯୮୪ ମସିହା ଡିସେମ୍ବର ୧୫ ତାରିଖରେ ଯୋଗ ଦେଇଥିଲେ । ୪୦ ବର୍ଷ ଧରି ବିଭିନ୍ନ ପଦପଦବୀରେ ସେ ନିଜର ଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନ କରିଆସିଛନ୍ତି।

***Koraput***

## କୋରାପୁଟରେ ଝାଡ଼ାବାନ୍ତି

କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ବ୍ଲକ ଅନ୍ତର୍ଗତ ସୁବାଇ ଗ୍ରାମରେ ୪୫ ଜଣ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ   ହୋଇଛନ୍ତି। ସେମାନଙ୍କର

ଚିକିତ୍ସାଲାଗି ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ସେଠାରେ ପହଁଞ୍ଚିଛନ୍ତି। ଗ୍ରାମର କୂପ, ନଳକୂପ ଏବଂ ଲୋକଙ୍କ ମଳ ଏବଂ ରକ୍ତପରୀକ୍ଷା ଲାଗି ନମୂନା ସଂଗ୍ରହ କରାଯାଇଥିବା ଜଣାପଡ଼ିଛି।

***Sonepur***

## ଶୀତଳଷଷ୍ଠୀ ଯାତ୍ରା ଶେଷ

ସୁବର୍ଣ୍ଣପୁରରେ ଶୀତଳଷଷ୍ଠୀ ଯାତ୍ରା ଶେଷ ହୋଇଛି। ସୁବର୍ଣ୍ଣପୁରର ବାବା ସୁବର୍ଣ୍ଣମେରୁଙ୍କ ସହ ବୈଦ୍ୟନାଥର ବାବା କୋଶଳେଶ୍ୱର, ଚରଦାର ବାବା କପିଳେଶ୍ୱର, ବୀରମହାରାଜପୁରର ବାବା ଚମ୍ପେଶ୍ୱର ଓ ଗୋଧନେଶ୍ୱରଙ୍କ ପୀଠରେ ଚାଲିଥିବା ଶିବ-ପାର୍ବତୀଙ୍କ ବିବାହ ଉତ୍ସବ ପର୍ବ ସମାପନ ହୋଇଛି। ଏହି ଅବସରରେ ହଜାର ହଜାର ଶ୍ରଦ୍ଧାଳୁ ପ୍ରଭୁ ଶିବ ଓ ପାର୍ବତୀଙ୍କ ଯୁଗଳ ଦର୍ଶନ କରିଛନ୍ତି।

***Desk***

## ଏନ୍‌ଟିଏ-ନିଟ୍ ୟୁଜି

ନ୍ୟାସନାଲ ଟେଷ୍ଟିଙ୍ଗ ଏଜେନ୍ସି (ଏନ୍‌ଟିଏ) କହିଛି ନିଟ୍ ୟୁଜି-୨୦୨୪ ଫଳ ଘୋଷଣା ପରେ ହସ୍ତଗତ ହେଉଥିବା ବିଭିନ୍ନ ପ୍ରକାର ସନ୍ଦେହ

ସମାଧାନ ଲକ୍ଷ୍ୟରେ ଏକ କମିଟି ଗଠନ କରାଯାଇଛି । ଏହି କମିଟି ଫଳାଫଳ ନେଇ ପଚରାଯାଉଥିବା ପ୍ରଶ୍ନ ଏବଂ ପ୍ରକୃତ ତଥ୍ୟ ନେଇ ତର୍ଜମା କରୁଛି । ଏହି ପରୀକ୍ଷାରେ ଛାତ୍ରଛାତ୍ରୀ ରଖିଥିବା ୭୧୮ ଏବଂ ୭୧୯ ମାର୍କ ସଂକ୍ରାନ୍ତ ପ୍ରଶ୍ନର ଉତ୍ତରରେ ଏନ୍‌ଟିଏ କହିଛି ଦୁଇଜଣଙ୍କ କ୍ଷେତ୍ରରେ ଏହା ଘଟିଛି । ଗ୍ରେସ୍ ମାର୍କ ପ୍ରଦାନ ସମୟରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଏନ୍‌ଟିଏ ସ୍ପଷ୍ଟ କରିଛି । ସମୟସୀମାକୁ ଦୃଷ୍ଟିରେ ରଖି ୧ହଜାର ୫୬୩ଜଣ ଛାତ୍ରଛାତ୍ରୀଙ୍କୁ ଗ୍ରେସ୍‌ମାର୍କ ପ୍ରଦାନ କରାଯାଇ ନାହିଁ ବୋଲି ଏନ୍‌ଟିଏ କହିଛି । ଅନ୍ୟପକ୍ଷରେ କେନ୍ଦ୍ର ଶିକ୍ଷା ମବଣାଳୟ ଏହି ଘଟଣାରେ ଏକ ୪ଜଣିଆ ସଦସ୍ୟ ବିଶିଷ୍ଟ କମିଟି ଗଠନ କରି ପରିସ୍ଥିତିର ସମୀକ୍ଷା କରୁଛି ।

***MET***

## ପାଣିପାଗ

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ସହ ଗୁଳୁଗୁଳି ଲାଗି ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଲାଙ୍ଗୀର, ନୂଆପଡ଼ା, ବୌଦ୍ଧ, ସୋନପୁର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଅତ୍ୟଧିକ ଗରମ ଅନୁଭୂତ ହେବ ବୋଲି

ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ସେହିପରି ଦକ୍ଷିଣ ଓଡ଼ିଶା, ଉତ୍ତର ଉପକୂଳବର୍ତ୍ତୀ ଅଞ୍ଚଳ ସହ କେତେକ ଆଭ୍ୟନ୍ତରୀଣ ଅଞ୍ଚଳର ଗୋଟିଏ ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି।

********************************